# NATIONAL NEWS BULLETIN (ODIA)

## 9 August - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କର୍ଣ୍ଣାଟକରେ ଆସନ୍ତାକାଲି ବିଭିନ୍ନ ରେଳ ଓ ସହରାଞ୍ଚଳ ସଂଯୋଗୀକରଣ ପ୍ରକଳ୍ପର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ରୁଷ-ୟୁକ୍ରେନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ଆସନ୍ତା ସପ୍ତାହରେ ବୈଠକ କରିବେ ଆମେରିକା ରାଷ୍ଟ୍ରପତି ।

- ବିଶ୍ୱର ବିଭିନ୍ନ ଭାଗରେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ନେଇ ସତର୍କ ସୂଚନା ଜାରି କଲା ବିଶ୍ୱ ପାଣିପାଗ ସଂଗଠନ ।

- କେନିଆରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୫ ମୃତ ୨୦ରୁ ଅଧିକ ଆହତ ।

ଏବଂ

- ବିହାରର ରାଜଗିରି ଠାରେ ୨୦ ବର୍ଷରୁ କମ୍ ଏସୀୟ ରଗ୍‌ବି ଚମ୍ପିୟାନ୍‌ସିପ୍ ଆଜିଠାରୁ ଆରମ୍ଭ ।

## ପିଏମ୍-କର୍ଣ୍ଣାଟକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିନିକିଆ କର୍ଣ୍ଣାଟକ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ବେଙ୍ଗାଲୁରୁର କେ.ଏସ୍.ଆର୍. ରେଳ ଷ୍ଟେସନ୍‌ରେ ତିନୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ବେଙ୍ଗାଲୁରୁରୁ ବେଲାଗାଭି, ଅମ୍ରିତଶରରୁ ଶ୍ରୀ ମାତା ବୈଷ୍ଣୋଦେବୀ କାଟ୍ରା ଏବଂ ନାଗପୁରରୁ ପୁନେକୁ ଏହି ଟ୍ରେନ୍ ଗୁଡ଼ିକ ଚଳାଚଳ କରିବ । ଏହା ପରେ ପ୍ରଧାନମନ୍ତ୍ରୀ ସେଠାରେ ନୂତନ ବେଙ୍ଗାଲୁରୁ ମେଟ୍ରୋ ୟୋଲୋ ଲାଇନ୍‌ର ଶୁଭାରମ୍ଭ କରିବେ । ଏହା ଆର୍.ଭି. ରୋଡ୍ ଠାରୁ ରାଗିଗୁଡ଼ା ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ଜଣାପଡ଼ିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁ ଠାରେ ସହରାଞ୍ଚଳ ସଂଯୋଗୀକରଣ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ମୋଦୀ ୧୫ ହଜାର ୬୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ

ଥିବା ବାଙ୍ଗାଲୁରୁ ତୃତୀୟ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ମେଟ୍ରୋ ଟ୍ରେନ୍ ୪୪ କିଲୋମିଟର ପର୍ଯ୍ୟନ୍ତ ଚଳାଚଳ କରି ୩୧ଟି ରେଳ ଷ୍ଟେସନ୍‌ରେ ରହଣୀ କରିବ ।

## ପିଏମ୍-କାପୋରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାକୋରି ଘଟଣାର ବିପ୍ଳବୀମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଶହେ ବର୍ଷ ପୂର୍ବେ ଆଜିର ଦିନରେ କାକୋରି ଠାରେ ଦେଶପ୍ରେମୀ ଭାରତୀୟମାନେ ଅଦମ୍ୟ ସାହସ ପ୍ରଦର୍ଶନ ପୂର୍ବକ ବ୍ରିଟିଶ୍ ଶାସନ ବିରୋଧରେ ସଂଗ୍ରାମ କରିଥିଲେ । ସାଧାରଣ ଲୋକଙ୍କ ଅର୍ଥରେ ବ୍ରିଟିଶ୍ ସାମ୍ରାଜ୍ୟବାଦକୁ ନିଶେଷ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କ ସୌର୍ଯ୍ୟକୁ ଦେଶ ସବୁଦିନ ପାଇଁ ମନେ ରଖିବ । ସେମାନଙ୍କର ସ୍ୱପ୍ନକୁ ପୂରଣ କରି ବିକଶିତ ଭାରତ ଗଠନ ଦିଗରେ ସରକାର କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ଅବସରରେ କାକୋରି ଟ୍ରେନ୍ କାର୍ଯ୍ୟକଳାପକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସାହସ, ବଳୀଦାନ ଓ ଦେଶ ପ୍ରେମର ପ୍ରତୀକ ଭାବେ ସ୍ମରଣ କରାଯିବ ବୋଲି କହିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ୧୯୨୫ ମସିହା ଅଗଷ୍ଟ ୯ରେ ରାମ ପ୍ରସାଦ ବିସ୍ମିଲ୍, ଚନ୍ଦ୍ର ଶେଖର ଆଜାଦ୍, ଅସଫାକ୍ ଉଲ୍ଲା ଖାନ୍ ବ୍ରିଟିଶ୍ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ବିଦ୍ରୋହର ଡାକରା ଦେଇଥିଲେ । ଶ୍ରୀ ଶାହା କହିଛନ୍ତି, ବ୍ରିଟିଶ୍ ମାନେ ଭାରତୀୟମାନଙ୍କ ପାଖରୁ ଲୁଟ୍ କରିଥିବା ସମ୍ପତ୍ତି ଗୁଡ଼ିକ ଦେଶର ଉନ୍ନତିକରଣ ପାଇଁ ଉପଯୋଗ କରିବାକୁ ଏହି ଆନ୍ଦୋଳନ ହୋଇଥିଲା । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେଶକୁ ସ୍ୱାଧୀନ କରିବାରେ ସେମାନଙ୍କର ସାହସ ଏବଂ ବଳିଦାନକୁ ଦେଶ ସର୍ବଦା ସ୍ମରଣ କରିବ ।

୧୯୨୫ ମସିହାରେ କାକୋରି ରେଳ ଷ୍ଟେସନ୍ ନିକଟରେ ଭାରତର ସ୍ୱାଧୀନତା ସଂଗ୍ରାମର ଆଉ ଏକ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ସେହିବର୍ଷ ଅଗଷ୍ଟ ୯ରେ ହିନ୍ଦୁସ୍ଥାନ ରିପବ୍ଲିକାନ୍ ସଂଘର ବିପ୍ଲବୀମାନେ କାକୋରି ନିକଟରେ ଟ୍ରେନ୍ ଅଟକାଇ ବ୍ରିଟିଶ୍ ସରକାରଙ୍କ ଟ୍ରେଜେରୀକୁ ଯାଉଥିବା ଧନସମ୍ପତ୍ତିକୁ ଲୁଟ୍ କରିଥିଲେ । ଏହି ଆନ୍ଦୋଳନରେ ରାମପ୍ରସାଦ ବିସ୍ମିଲ୍, ଅସଫାକ୍ ଉଲ୍ଲା ଖାନ୍, ଠାକୁର ରୋଷନ ସିଂହ, ରାଜେନ୍ଦ୍ରନାଥ ଲାହିରି, ସଚିନ୍ଦ୍ରନାଥ ସନ୍ୟାଲ୍ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏହି ଲୁଟ୍‌ର ପ୍ରମୁଖ କାରଣ ଥିଲା ବ୍ରିଟିଶ୍ ପ୍ରଶାସନ ଭାରତୀୟମାନଙ୍କ ପାଖରୁ ଅନ୍ୟାୟ ଭାବରେ ଅନେକ କର ଆଦାୟ କରୁଥିଲେ । ଏହାକୁ ବିରୋଧ କରି ଆନ୍ଦୋଳନକାରୀମାନେ ବ୍ରିଟିଶ୍ ସମ୍ପତ୍ତିକୁ ସେହି ଟ୍ରେନ୍‌ରୁ ଲୁଟ୍ କରିଥିଲେ ।

# ଟ୍ରମ୍ପ-ପୁଟିନ ମିଟିଂ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଆସନ୍ତା ଅଗଷ୍ଟ ୧୫ରେ ସେ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ୟୁକ୍ରେନ୍‌ରେ ଯୁଦ୍ଧ ସମାପ୍ତ କରିବା ପାଇଁ ପଦକ୍ଷେପ ସ୍ୱରୂପ ଏହି ଆଲୋଚନା ହେବ । ଗତ ଜାନୁଆରୀ ମାସରେ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ଏହା ପ୍ରଥମ ମୁହାଁମୁହିଁ ଆଲୋଚନା ହେବ । ଶେଷଥର ପାଇଁ ୨୦୧୫ ସେପ୍ଟେମ୍ବରରେ ରୁଷର ନେତାଙ୍କ ସହ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଜାତିସଂଘ ସାଧାରଣ ସଭାରେ ନ୍ୟୁୟର୍କରେ ଆଲୋଚନା କରିଥିଲେ ।

ତେବେ ଆମେରିକା ରାଷ୍ଟ୍ରପତିଙ୍କ ବୈଠକ ନେଇ ଘୋଷଣା ପରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ରୁଷକୁ କୌଣସି ଅଞ୍ଚଳ ପ୍ରଦାନ କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରାଯିବ ନାହିଁ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି, ଶାନ୍ତି ପ୍ରତିଷ୍ଠା ଦିଗରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପକୁ ସେ ସମର୍ଥନ କରିବେ ଏବଂ ଦୀର୍ଘ ସ୍ଥାୟୀ ଶାନ୍ତି ବଜାୟ ରଖିବା ଲାଗି ୟୁକ୍ରେନ୍ ତାର ଅଂଶିଦାରମାନଙ୍କ ସହ କାର୍ଯ୍ୟ କରିବ ।

## ଚୀନ୍-ଇଣ୍ଡିଆ ଏସ୍‌ସିଓ ମିଟିଂ

ଚଳିତ ମାସ ୩୧ ତାରିଖରୁ ଚୀନ୍‌ର ତିଆନ୍‌ଜିନ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଯୋଗଦାନକୁ ଚୀନ୍ ସ୍ୱାଗତ କରିଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୋ ଜିଆକୁନ୍ କହିଛନ୍ତି, ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଏହି ସମ୍ମିଳନୀରେ ଯୋଗଦାନ ହେଉଛି ବନ୍ଧୁତ୍ୱ, ଏକତା ଓ ଦୃଢ଼ତାର ପ୍ରତିଫଳନ ।

ସୂଚନାଯୋଗ୍ୟ ୨୦୦୧ ମସିହା ଜୁନ୍ ୧୫ ତାରିଖରେ ସାଂଘାଇ ଠାରେ ଏହି ସ୍ଥାୟୀ ଆନ୍ତ ସରକାରୀ ଆର୍ନ୍ତାତିକ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଭାରତ, ଇରାନ୍, କାଜାକାସ୍ତାନ, ଚୀନ୍, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଓ ବେଲାରୁଷ ସଦସ୍ୟ ଅଛନ୍ତି ।

## ଡବ୍ଲ୍ୟୁଏମ୍‌ଡି-ଓ୍ୱାର୍ମିଙ୍ଗ

ବିଶ୍ୱ ପାଣିପାଗ ସଂଗଠନ ଡବ୍ଲ୍ୟୁଏମ୍‌ଓ ପକ୍ଷରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି ।

ଡବ୍ଲ୍ୟୁଏମ୍‌ଓର ତଥ୍ୟ ଅନୁଯାୟୀ ବିଭିନ୍ନ ଅଞ୍ଚଳରେ ବିଶ୍ୱ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କେତେକ ସ୍ଥାନରେ ତାପମାତ୍ରା ରେକର୍ଡ ସ୍ତର ଅତିକ୍ରମ କରିଛି । ତଥ୍ୟ ଅନୁଯାୟୀ ଚଳିତବର୍ଷ ହାରାହାରି ସାମୁଦ୍ରିକ ଉପରିସ୍ଥ ତାପମାତ୍ରା ତୃତୀୟ ବୃହତ୍ତମ ସ୍ତରରେ ପହଞ୍ଚିଛି ।

ଜୁଲାଇ ମାସରେ ୟୁରୋପ୍‌ରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିବା କାରଣରୁ ସ୍ୱିଡେନ୍ ଏବଂ ଫିନ୍‌ଲାଣ୍ଡ ପ୍ରଭାବିତ ହୋଇଥିଲା । ସେଠାରେ ତାପମାତ୍ରା ୩୦ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିଲା । ଗତ ସପ୍ତାହରେ ପଶ୍ଚିମ ଏସିଆ, ଦକ୍ଷିଣାଞ୍ଚଳ କେନ୍ଦ୍ରୀୟ ଏସିଆ, ଉତ୍ତର ଆଫ୍ରିକାର ଅଧିକାଂଶ ଭାଗ, ପାକିସ୍ତାନର ଦକ୍ଷିଣାଞ୍ଚଳ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ପଶ୍ଚିମାଞ୍ଚଳରେ ସର୍ବାଧିକ ତାପମାତ୍ରା ୪୨ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିବା ଡବ୍ଲ୍ୟୁଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଇରାନ୍‌ର ଦକ୍ଷିଣାପଶ୍ଚିମାଞ୍ଚଳ ଏବଂ ଇରାକ୍‌ର ପୂର୍ବାଞ୍ଚଳରେ ସର୍ବାଧିକ ତାପମାତ୍ରା ପରିଲକ୍ଷିତ ହୋଇଥିଲା । ଅତ୍ୟଧିକ ତାପମାତ୍ରା ଯୋଗୁଁ ବିଶ୍ୱର ବିଭିନ୍ନ ଭାଗରେ ଜଙ୍ଗଲରେ ନିଆଁ ଲାଗୁଥିବାର ସୂଚନା ମିଳିଛି । ଫଳରେ ବାୟୁର ଗୁଣାତ୍ମକ ମାନ ନଷ୍ଟ ହେଉଥିବା ଡବ୍ଲ୍ୟୁଏମ୍‌ଓ ପକ୍ଷରୁ କୁହାଯାଇଛି ।

## କେନିଆ ବସ୍ ମିଶାପ୍

କେନିଆରେ ଏକ ଅନ୍ତେଷ୍ଟିକ୍ରିୟାରୁ ଲୋକଙ୍କୁ ନେଇ ଫେରୁଥିବା ବସ୍ ଦୁର୍ଘଟଣା ଗ୍ରସ୍ତ ହେବାରୁ ଅନ୍ୟୂନ ୨୫ ଜଣଙ୍କ ମୃତ୍ୟୁ ଘଟିଛି ।

କାକାମେଗାରୁ କିସୁମୁକୁ ଯାଉଥିବା ବସ୍‌ଟି ନିୟନ୍ତ୍ରଣ ହରାଇ ଏକ ଖାତ ମଧ୍ୟକୁ ଖସି ପଡ଼ିଥିଲା । ସେଠାକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦ୍ରୁତଗତିରେ ଯାଉଥିବା ବସ୍ ଉପରୁ ଚାଳକ ନିୟନ୍ତ୍ରଣ ହରାଇବା ପରେ ଗଭୀର ଖାଇ ମଧ୍ୟକୁ ବସ୍‌ଟି ଗଳି ପଡ଼ିଥିଲା । ୧୦ ଜଣ ପୁରୁଷ, ୧୦ ଜଣ ମହିଳା ଓ ଜଣେ ଝିଅଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା । ସରକାରୀ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଦୁର୍ଘଟଣାରେ ୨୦ ଜଣ ଆହତ ହୋଇଥିବା ବେଳେ ୫ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି । ମୃତକମାନେ ଗୋଟିଏ ପରିବାରରୁ ହୋଇଥିବା ଅନୁମାନ କରାଯାଉଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନିଆ ରାଷ୍ଟ୍ରପତି ଓ୍ୱିଲିୟମ୍ ରୁଟୋ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପଞ୍ଜାବ-ଆଣ୍ଟି ଡ୍ରୋନ୍ ସିଷ୍ଟମ୍

ପଞ୍ଜାବ ସୀମାନ୍ତ ଜିଲ୍ଲା ତରନ୍ ତରନ୍ ଠାରେ ନିଶା କାରବାର ରୋକିବା ପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଆଣ୍ଟିଡ୍ରୋନ୍ ସିଷ୍ଟମ୍ (ଏ.ଡି.ଏସ୍.) 'ବାଜ୍ ଆଖ୍'ର ଶୁଭାରମ୍ଭ କରିଛନ୍ତି । ସୀମାନ୍ତ ଅଞ୍ଚଳରେ ନିଶା ଚୋରା କାରବାରକୁ ରୋକିବାରେ ଏବଂ ଚୋରା ବେପାରିମାନଙ୍କୁ ଗିରଫ୍ କରିବାରେ ଏହି ଏ.ଡି.ଏସ୍. ସହାୟକ ହେବ । ଆଗାମୀ ଦିନରେ

ଏହି ଅଞ୍ଚଳରେ ଆଉ ୬ଟି ଏ.ଡି.ଏସ୍.ର ସ୍ଥାପନ କରାଯିବ ବୋଲି ବି.ଏସ୍.ଏଫ୍. ପକ୍ଷରୁ କୁହାଯାଇଛି ।

## ମୁମ୍ବାଇ-ଓ୍ୱାଇଲ୍ଡ ଲାଇଫ୍ ସ୍ମଗ୍‌ଲିଙ୍ଗ୍

ମୁମ୍ବାଇ ଛତ୍ରପତୀ ଶିବାଜୀ ମହାରାଜ ଆନ୍ତର୍ଜାତିକ ବିମାନ ବନ୍ଦରରୁ ବ୍ୟାଙ୍ଗ୍‌କକ୍‌ରୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ବନ୍ୟ ଜନ୍ତୁ ଚୋରା କାରବାର କରିବା ଅଭିଯୋଗରେ ଗିରଫ୍ କରାଯାଇଛି । ସୀମାଶୁଳ୍କ ବିଭାଗର ସ୍ୱତନ୍ତ୍ର ଗୁଇନ୍ଦା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ତାଙ୍କୁ ଗିରଫ୍ କରିଛନ୍ତି । ତାଙ୍କ ପାଖରୁ କେତେକ ଜୀବିତ ବନ୍ୟ ଜନ୍ତୁ ଉଦ୍ଧାର କରାଯାଇଛି ବୋଲି ଜଣାପଡ଼ିଛି । ଶାହାରୁଖ ଖାନ୍ ମହମ୍ମଦ ହାସନ ନାମକ ଏହି ଯୁବକ ସୀମାଶୁଳ୍କ ଆଇନ୍ ୧୯୬୨ ଏବଂ ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ୧୯୭୨ ଆଧାରରେ ତାଙ୍କୁ ଗିରଫ୍ କରାଯାଇ ତଦନ୍ତ କରାଯାଉଛି ।

## ବିହାର ରଗ୍‌ବି

ବିହାରର ରାଜଗିରି ଠାରେ ୨୦ ବର୍ଷରୁ କମ୍ ଏସୀୟ ରଗ୍‌ବି ଚାମ୍ପିୟନ୍‌ସିପ୍ ମ୍ୟାଚ୍ ଆଜିଠାରୁ ଆରମ୍ଭ ହୋଇଛି । ଆଜି ଅନୁଷ୍ଠିତ ପ୍ରାରମ୍ଭିକ ମ୍ୟାଚ୍‌ରେ ପୁରୁଷ ବର୍ଗରେ ଶ୍ରୀଲଙ୍କା ହଂକଂକୁ ପରାସ୍ତ କରିଛି । ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଭାରତ’ ୟୁ.ଏ.ଇ.କୁ ପରାସ୍ତ କରି ୨୪

ପଏଣ୍ଟ ହାସଲ କରିଛି । ଆଜି ଅପରାହ୍ଣରେ ଅନୁଷ୍ଠିତ ଅନ୍ୟ ଏକ ପୁରୁଷବର୍ଗ ମ୍ୟାଚ୍‌ରେ ଶ୍ରୀଲଙ୍କା ଆୟୋଜକ ଭାରତକୁ ହରାଇ ଦେଇଛି ।

ଅନ୍ୟ ପକ୍ଷରେ ମହଳା ବର୍ଗର ପ୍ରଥମ ମ୍ୟାଚ୍‌ରେ ଭାରତ କାଜାଖସ୍ତାନକୁ ପରାସ୍ତ କରିଛି ।